# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୯ ମାର୍ଚ୍ଚ ୨୦୨୬

----

[ଅର୍ଥ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର - ସ୍ୱରାଷ୍ଟ୍ର - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ମୁଖ୍ୟମନ୍ତ୍ରୀ ].

**ମୋଟ ପ୍ରଶ୍ନର ସଂଖ୍ୟା 31**

----

### ଶିଶୁ ମୃତ୍ୟୁ ହାର ରୋକିବା

***109 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ହାର ଠାରୁ ରାଜ୍ୟରେ ଶିଶୁ ମୃତ୍ୟୁ ହାର କେତେ ରହିଛି ; ଶିଶୁ ମୃତ୍ୟୁ ହାର ରୋକିବା ପାଇ ସରକାର ଗତ ଦେଢ ବର୍ଷ ମଧ୍ୟରେ କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

### ସବ୍ ଟ୍ରେଜେରୀ ପ୍ରତିଷ୍ଠା

***181 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନର୍ଲା ଠାରେ ଏକ ନୂତନ ସବ୍ ଟ୍ରେଜେରୀ ପ୍ରତିଷ୍ଠା ପାଇଁ ସରକାର ପାଖରେ କୌଣସି ଯୋଜନା ଅଛି କି, ଯଦି ହଁ ତେବେ ଏହା କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ?

----

### ନର୍ସିଂ କଲେଜ ସ୍ଥାପନ

***182 ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ସହର ହେଉଛି ଗଂଜାମ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ; ଏଣୁ ମେଡିକାଲ ଶିକ୍ଷାର ଅଗ୍ରଗତି କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କୁ ଆବଶ୍ୟକତା ଓ ଜନସାଧାରଣଙ୍କର ଦାବୀ ମୁତାବକ ଆସିକା ଠାରେ ଗୋଟିଏ ନର୍ସିଂ କଲେଜ ଖୋଲାଗଲେ ଯୁବକ ଓ ଯୁବତୀ ମାନଙ୍କର ମେଡିକାଲ ଶିକ୍ଷାର ଅଗ୍ରଗତି ହେବ ; ଏହା କେତେଦିନ ମଧ୍ୟରେ କାର୍ଯ୍ୟକାରୀ କରାଯିବ?

----

## ଜମି ପ୍ରଦାନ

*183 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦ୍ରୀୟ ଯୋଗ ଓ ନେଚରପାଥି ଗବେଷଣା ପ୍ରତିଷ୍ଠାନ ନିମନ୍ତେ ରାଜ୍ୟ ସରକାର ଯୋଗାଇ ଦେଇଥିବା 20 ଏକର ଜାଗାରେ ଜମି ଅଧିଗ୍ରହଣ ସହ ଗବେଷଣା ପ୍ରତିଷ୍ଠାନ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି କିମ୍ବା ଜମି ଜନିତ କୌଣସି ସମସ୍ୟା ଲାଗିରହିଛି ; ଜମି ଜନିତ ସମସ୍ୟାକୁ ଦୂର କରିବା ପାଇଁ ସରକାର ତାର କିଛି ବିକଳ୍ପ ଚିନ୍ତା କରୁଛନ୍ତି କି?

----

## ସୋର ବିଧାୟକଙ୍କ ପତ୍ର ଉପରେ କାର୍ଯ୍ୟାନୁଷ୍ଠାନ

*184 **ଶ୍ରୀ ମାଧବ ଧଡା (ସୋରୋ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋରୋ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଭାଗକୁ ଗତ ୨୦ ମାସ ମଧ୍ୟରେ ସୋରୋ ବିଧାୟକଙ୍କ ତରଫରୁ ବିକାଶ ମୂଳକ କାମ ସମ୍ବନ୍ଧରେ ପତ୍ରାଳାପ ପରେ ମଧ୍ୟ ସମସ୍ୟା ଗୁଡ଼ିକର ସମାଧାନ ହେଉ ନଥିବାର କାରଣ କଣ; ଏବଂ କେଉଁ କେଉଁ ବିଭାଗ ସୋରୋ ବିଧାୟକଙ୍କ ପତ୍ରପ୍ରାପ୍ତି ପରେ କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ବିଭାଗୱାରୀ, ପତ୍ରୱାରୀ, ସମସ୍ୟା ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## Sub jail in Sambalpur

*185 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- That as Sambalpur is 90 km from Sonepur,and 110 km from Birmaharajpur where as Angul is 165 km from Sonepur and 145 km from Birmaharajpur, so will the govt. keep both sub jail in Sambalpur circle ?

----

## ନୂତନ Mobile Tower ବ୍ୟବସ୍ଥା

*186 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକର ଗୋପାଳ ସାଗର ଓ ବଣସୋଲା ଏବଂ ଚିକିଟି ବ୍ଲକର ବଡ ବରଙ୍ଗା, ସୁନାପୁର ବେଳାଭୂମି ଅଞ୍ଚଳରେ ଏବଂ ଅନ୍ୟ ପାହାଡିଆ ଅଞ୍ଚଳରେ Mobile Tower ର ବ୍ୟବସ୍ଥା ନଥିବାରୁ ଏସବୁ ଅଞ୍ଚଳର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏ ଦୃଷ୍ଟିରୁ ଏ ସବୁ ଅଞ୍ଚଳରେ Free Net-Working ପାଇଁ Tower ସ୍ଥାପନ ପାଇଁ ବ୍ୟବସ୍ଥା କରିବେ କି ?

----

## ଉପକୋଷାଗାର ଗୁଡିକର ଆଧୁନିକରଣ

*187 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଂଚଳ ଗୁଡିକରେ ବିଭିନ୍ନ ଉପକୋଷାଗାର ଗୁଡିକର ଆଧୁନିକରଣ ପାଇଁ ଅର୍ଥ ବିଭାଗ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି ଓ ଜିଲ୍ଲାର ବେକାର ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟାଙ୍କ ଋଣ ଉପରେ ସରକାର କେତେ ପ୍ରତିଶତ ସୁଧ ରିହାତି ଯୋଗାଇ ଦେଉଛନ୍ତି ?

----

## ୧୦୦ ଶର୍ଯ୍ୟା ବିଶିଷ୍ଟ ଗୃହ ନିର୍ମାଣ

*188 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ସବଡିଭିଜନ ହସପିଟାଲ ୧୦୦ ସିଟେଡ୍ ନିର୍ମାଣ ଶଯ୍ୟା ଗୃହ ହେବାକୁ ଥିବା କେବେ ସୁଦ୍ଧା ଟେଣ୍ଡର ହେବ ଏବଂ କାର୍ଯ୍ୟ ସମାପ୍ତ ହେବ ସରକାର ତାର ଉତ୍ତର ଦେବେ କି ?

----

## Consolidated Report

*189 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Will the Government provide a consolidated information on the number of public grievances pending beyond the prescribed disposal timeline- particularly those related to land records, service matters and corruption complaints and clarify why accountability has not been fixed for chronic delays ?

----

## Transfer Policy

*190 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The total number and details of Constables and Havildars currently posted in the same Police Station or establishment for more than three years, despite existing transfer guidelines; (b) The district-

wise breakdown of such personnel; and whether the Government strictly enforces a rotational transfer policy to prevent vested interests and corruption at the grassroots level, and the timeline proposed to transfer these overstaying officials ?

----

## ଭୁବନେଶ୍ୱର - କଟକ ଟ୍ୱିନ ସିଟି ଅଞ୍ଚଳରେ ମେଗା ଆଇଟି ପାର୍କ ପ୍ରତିଷ୍ଠା

***191 ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର-କଟକ ଟ୍ୱିନ୍ ସିଟି ଅଞ୍ଚଳରେ ଏକ 'ମେଗା ଆଇଟି ପାର୍କ' ପ୍ରତିଷ୍ଠା ପାଇଁ ସରକାରଙ୍କର କି ପଦକ୍ଷେପ ରହିଛି? ବିଶେଷ କରି କଟକ ସଦର ନିର୍ବାଚନ ମଣ୍ଡଳୀର ଭୌଗୋଳିକ ସ୍ଥିତି ଏବଂ ଖାପୁରିଆ ଆଇଟିଆଇ ଭଳି ଦକ୍ଷତା ବିକାଶ କେନ୍ଦ୍ରର ସୁବିଧାକୁ ଦୃଷ୍ଟିରେ ରଖି ଏଠାରେ ଏକ ସ୍ୱତନ୍ତ୍ର ଆଇଟି କ୍ଲଷ୍ଟର କିମ୍ବା ସାଟେଲାଇଟ୍ ଅଫିସ୍ ହବ୍ ନିର୍ମାଣ ପାଇଁ କୌଣସି ପ୍ରସ୍ତାବ ରହିଛି କି, ଏହା ଦ୍ୱାରା କଟକ ସଦରର କେତେ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଲକ୍ଷ୍ୟ ରଖାଯାଇଛି ?

----

## ଋଣ ଭାର

***192 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟର ମୁଣ୍ଡ ପିଛା ଋଣ ଭାର କେତେ ରହିଛି, ଏଫ୍ଆରବିଏମ୍ ଆଇନ ଅନୁଯାୟୀ ଜିଡିପିଏସର କେତେ ପ୍ରତିଶତ ମଧ୍ୟରେ ସୀମିତ ରହିବ କଥା ; ବର୍ତ୍ତମାନ ଏହା କେତେ ରହିଛି ; ଚଳିତ ଆର୍ଥିକ ବର୍ଷରେ ମୋଟ ରାଜସ୍ୱ ଆୟର କେତେ ପ୍ରତିଶତ ଅର୍ଥ ସୁଧ ବାବଦରେ ପରିଶୋଧ କରାଯାଉଛି ?

----

## ପୁରୀ ଜିଲ୍ଲା ଚିକିତ୍ସାଳୟର ଟ୍ରମା କେୟାର କାର୍ଯ୍ୟକ୍ଷମ

***193 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମା କେୟାର ସେଣ୍ଟର ୨୦୧୮ ମସିହାଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହୋଇ ନଥିବା କଥା ସତ୍ୟ କି; ଯଦି ହଁ, ସର୍ବପ୍ରଥମେ ଏହି ସେଣ୍ଟର ପାଇଁ ଆବଶ୍ୟକ ହେଉଥିବା ICU/HDU, ଭେଣ୍ଟିଲେଟର ଓ ଅନ୍ୟାନ୍ୟ ଆବଶ୍ୟକୀୟ ଚିକିତ୍ସା ସୁବିଧା ଶୀଘ୍ର ଯୋଗାଇବା ସହ ଏହି ସେଣ୍ଟର ପାଇଁ General Surgeon, Orthopaedic Surgeon, Neuro Surgeon (On Call)ନିଯୁକ୍ତିର ବ୍ୟବସ୍ଥା କରିବେ କି ?

----

## ପଦ ପଦବୀ ପୂରଣ

***194 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡ଼ିଶା ପ୍ରଶାସନିକ ସେବାର କନିଷ୍ଠ, ବରିଷ୍ଠ ବର୍ଗ ଓ ଅନ୍ୟାନ୍ୟ ବର୍ଗର କେତେ ଖାଲି ସ୍ଥାନ ଅଛି, ସେହି ଖାଲି ସ୍ଥାନ ପୂରଣ କରିବା ପାଇଁ ଗ୍ରେଡେସନ ଲିଷ୍ଟ ଚୂଡାନ୍ତ କରାଯାଇ ଅଛି କି, କୌଣସି ବର୍ଗର ଗ୍ରେଡେସନ ଲିଷ୍ଟ ଚୂଡାନ୍ତ ତାଲିକା ପ୍ରକାଶ ନ କରିବା ପାଇଁ କୌଣସି କୋର୍ଟଙ୍କ ସ୍ଥିତାବସ୍ଥା ଅଦେଶ ଅଛି କି, ଓଡିଶା ପ୍ରଶାସନିକ ସେବାର ବିଭିନ୍ନ ବର୍ଗ ଖାଲି ଥିବା ପଦବୀ କେବେ ପୂରଣ କରିଯିବ ତାହାର ନିର୍ଦ୍ଦିଷ୍ଟ ସମୟ ସାରଣୀ ପ୍ରକାଶ କରିବେ କି, କୌଣସି ବର୍ଗର କେତେ ଅଧିକାରୀ ଗ୍ରେଡ଼େଶନ ପ୍ରକାଶନ ନ ହେବା ଦ୍ବାରା Residency Period ପୂରଣ କରିବା ପରେ ମଧ୍ୟ ପ୍ରମୋସନ ପାଇଁ ଅପେକ୍ଷା କରିଛନ୍ତି, କନିଷ୍ଠ ବର୍ଗରେ କେତେ ସ୍ଥାନ ପୂରଣ ପାଇଁ ଓଡିଶା ଲୋକ ସେବା ଆୟୋଗକୁ ପ୍ରସ୍ତାବ 2026, 2027, 2028 ମସିହା ପାଇଁ ଦିଆଯାଇଛି କି ?

----

## ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ

***195 ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା କାଲୁଙ୍ଗା ଓ କାଂଶବାହାଲ ଏକ ବ୍ୟବସାୟୀକ ପେଣ୍ଠସ୍ଥଳୀ, ଜନସଂଖ୍ୟା ବୃଦ୍ଧି ସହିତ ଚୋରୀ ଡ଼କାୟତି, ରାହାଜାନୀ ଯୋଗୁଁ ଏହି ଅଞ୍ଚଳରେ ଅପରାଧ ବୃଦ୍ଧି ପାଉଥିବା କାରଣରୁ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଲାଞ୍ଜିବେର୍ଣ୍ଣା, କଲୁଙ୍ଗା ଓ କାଂଶବାହାଲ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

## ପ୍ରତି ବ୍ଲକ୍ ରେ ଓକାକ ଦ୍ୱାରା ଆଧାର କାର୍ଡ ସଂଶୋଧନ

***196 ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓକାକ ଅଧୀନରେ ଓଡିଶାର 314 ବ୍ଲକରେ ଆଧାର କାର୍ଡ ସଂଶୋଧନ ଓ ସ୍କାନ୍ ଯଥା ଆଖି ଓ ଅଙ୍ଗୁଳି ନ ହୋଇ ପାରିବା ଓ ସମୟକୁ ଉପେକ୍ଷା କରି ନୂତନ ବ୍ୟବସ୍ଥା କରିବେ କି?

----

## ବଜେଟ ବ୍ୟୟ ବିବରଣୀ

***197 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) 019-20 ଠାରୁ 2024-25 ପର୍ଯ୍ୟନ୍ତ କେଉଁ କେଉଁ ବର୍ଷରେ ରାଜ୍ୟ ବଜେଟର ଅଟ୍ଟକଳ, ସଂଶୋଧିତ ଅଟ୍ଟକଳ ଓ ବର୍ଷ ଶେଷ ଅର୍ଥାତ ମାର୍ଚ୍ଚ 31 ସୁଦ୍ଧା ବଜେଟ ଅଟ୍ଟକଳର କେତେ କେତେ ପରିମାଣ ଓ କେତେ ଶତାଂଶ ଖର୍ଚ୍ଚ ହୋଇପାରିଛି ତାର ଏକ ବିବରଣୀ ଦେବେ କି ; (ଖ) କେଉଁ କେଉଁ କାରଣ ବଶତଃ ବଜେଟ ଅର୍ଥ ବ୍ୟୟ ସମ୍ପୂର୍ଣ୍ଣ ଭାବେ ହୋଇପାରୁନାହିଁ?

----

## Electro-Homoeopathy ଚିକିତ୍ସା

***୧୨୮ ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ Electro-Homoeopathy ଚିକିତ୍ସା ପ୍ରଣାଳୀ ମାଧ୍ୟମରେ ଚିକିତ୍ସା ପ୍ରଦାନ କରୁଥିବା ଚିକିତ୍ସକମାନଙ୍କ ସମ୍ପର୍କରେ ରାଜ୍ୟ ସରକାରଙ୍କ ଅବସ୍ଥାନ କ'ଣ, (ଖ) Electro-Homoeopathy ଚିକିତ୍ସା ପ୍ରଣାଳୀକୁ ନିୟମିତ, ନିୟନ୍ତ୍ରିତ ଓ ବୈଜ୍ଞାନିକ ଭାବେ ଚାଲୁ କରିବା ପାଇଁ ଓଡ଼ିଶା ସରକାର କୌଣସି ନୀତି ବା ଆଇନ ନିର୍ମାଣ କରିଛନ୍ତି କି, ଯଦି ନାହିଁ, ତେବେ ଏହା ପାଇଁ କୌଣସି ପ୍ରସ୍ତାବ ବିଚାରାଧୀନ ଅଛି କି, ଏହି ଚିକିତ୍ସା ପ୍ରଣାଳୀର ବିକାଶ ଓ ନିୟମିତକରଣ ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରିଛନ୍ତି କି, ସୁପ୍ରିମକୋର୍ଟ ରାଜ୍ୟ ସରକାରମାନଙ୍କୁ Electro-Homoeopathy ଚିକିତ୍ସା ପ୍ରଣାଳୀକୁ ନିୟନ୍ତ୍ରିତ ଓ ସୁସଂଗଠିତ ଭାବେ ଚାଲୁ କରିବା ସମ୍ପର୍କରେ ଦିଆଯାଇଥିବା ନିର୍ଦ୍ଦେଶ ଆଧାରରେ ଓଡ଼ିଶା ସରକାର କ'ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବା ନେବାକୁ ଯୋଜନା କରୁଛନ୍ତି ?

----

## ଖାଲିପଦବୀ ପୂରଣ

***୧୨୯ ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ସଚିବାଳୟ, ନିର୍ଦ୍ଦେଶାଳୟ ଓ 30 ଗୋଟି ଜିଲ୍ଲା କାର୍ଯ୍ୟାଳୟରେ କେଉଁ ଶ୍ରେଣୀର କେତେ କର୍ମଚାରୀ ପଦବୀ ଖାଲି ରହିଛି ; ଏ ଗୁଡିକରେ ନିଯୁକ୍ତି ପାଇଁ ସରକାରଙ୍କର ବ୍ୟବସ୍ଥା କଣ ; ସଚିବାଳୟ ସମେତ ପ୍ରତ୍ୟେକ ଜିଲ୍ଲାରେ Sanctioned Post କେତେ ଏବଂ କେତେ କାର୍ଯ୍ୟରତ ଅଛନ୍ତି ଏହାର ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିବେ କି?

----

## ଫାଣ୍ଡି ପ୍ରତିଷ୍ଠା

***200 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପଦ୍ମପୁର ଓ ଆରଡୁଙ୍ଗ ଗ୍ରାମ ପଞ୍ଚାୟତର ବାରପୁର ଅଞ୍ଚଳରେ ଆଇନ ଶୃଙ୍ଖଳାକୁ ଦୃଷ୍ଟି ଆଗରେ ରଖି ଏଠାରେ ଫାଣ୍ଡି ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ କି ?

----

## ମୋବାଇଲ ଟାୱାର ସ୍ଥାପନ

***201 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ କେତୋଟି ମୋବାଇଲ ଟାୱାର 4ଜି ଓ 5ଜି କେଉଁ ସଂସ୍ଥା ଦ୍ୱାରା ଅଛି ତାହାର ଏକ ବିବରଣୀ ଗ୍ରାମୱାରୀ ଲିଷ୍ଟ ଦେବାସହ ରାଜସ୍ୱ ଗ୍ରାମକୁ ମୋବାଇଲ ଟାୱାରର ନେଟୱର୍କ ପାଉନାହିଁ ତାହାର ଏକ ବିବରଣୀ ଦେବାସହ ସେହି ଗ୍ରାମକୁ ନୂତନ ମୋବାଇଲ ଟାୱାର ବସାଇବାର ପ୍ରସ୍ତାବ ଗ୍ରହଣ କରିବେ କି, ମୋବାଇଲ ଟାୱାର ଥିବା ସତ୍ତ୍ୱେ କେଉଁ ସ୍ଥାନରେ ପୂର୍ଣ୍ଣ ଭାବରେ କେଉଁ କାରଣ ପାଇଁ କାର୍ଯ୍ୟକାରୀ ହେଉ ନାହିଁ ?

----

## ଋଣ ଭାର

***202 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ଅଦ୍ୟାବଧି ଋଣଭାର କେତେ, ତାର ବର୍ଷ ୱାରି ହିସାବ ଦେବେ କି, କେଉଁ ସୂତ୍ରରୁ କେତେ ଋଣ ଅଣା ହେଇଛି ଏବଂ କେତେ ପରିଶୋଧ ହେଉଅଛି, ଋଣ ବାବଦରେ ସୁଧ ଭାର କେତେ ଏବଂ ଅଧିକ ଋଣ ଭାର ହେବାର କାରଣ କଣ ?

----

## I.C.U ସ୍ଥାପନ

***203 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Roukela govt. Medical ରେ ଏକ ବର୍ଣ୍ଣ ୟୁନିଟ ଏବଂ ଆ.ଇ.ସି.ୟୁ (I.C.U) କେବେ ଖୋଲାଯିବ ଏବଂ Roukela govt. Medical ରେ ସଂପ୍ରସାରଣ ପାଇବା ସରକାର ଗତ ବର୍ଷ ପାଇଁ 600 କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ ଅଟକଳ କରିଛନ୍ତି, ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟ ଆରମ୍ଭ ହୋଇନଥିବାବାର କାରଣ କଣ, କେବେ ସୁଦ୍ଧା ଉକ୍ତ Medical ର ସଂପ୍ରସାରଣ କାର୍ଯ୍ୟ ଆମ୍ଭ ହେବ ?

----

## ଦ୍ୱିତୀୟ ଓଡିଶା ଭବନ ନିର୍ମାଣ

***204 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୧୬ ମସିହାରୁ ମୁମ୍ବାଇ ସହରକୁ ଓଡିଶାରୁ ଯେଉଁ ଲକ୍ଷ ଲକ୍ଷ ରୋଗୀ treatment ପାଇଁ ଯାଇଛନ୍ତି ସେମାନଙ୍କର ସୁବିଧାପାଇଁ ସେଠାରେ ୨ୟ ଓଡିଶା ଭବନ ନିର୍ମାଣ ପାଇଁ ତତକାଳୀନ ମୁଖ୍ୟମନ୍ତ୍ରୀ ମହାରାଷ୍ଟ୍ର ମୁଖ୍ୟ ମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ସତ୍ୟ କି, ଯଦି ଏହା ସତ୍ୟ ହୋଇଥାଏ, ତେବେ ଏ ବାବଦରେ ମହାରାଷ୍ଟ୍ର ସରକାର କ'ଣ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର ଅବଗତ ଅଛନ୍ତି କି, ଯଦି ଅବଗତ ଅଛନ୍ତି, ତେବେ ଏ ବାବଦରେ କଣ ପଦକ୍ଷେପ ନେଇଛନ୍ତି ?

----

## ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହେବା ସମ୍ପର୍କରେ

***205 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଅଦ୍ୟାବଧି କେତେଗୋଟି ରାଜସ୍ୱ ଗ୍ରାମ/ପଡା ଗ୍ରାମ ମୋବାଇଲ ସେବାରୁ ବଞ୍ଚିତ ଅଛି ଓ ମୋବାଇଲ ସେବା ଉପଲବ୍ଧ ଥିବା ସହର ଏବଂ ଗ୍ରାମଗୁଡିକରୁ କେତେ ସହର ଓ ଗ୍ରାମରେ କେଉଁ ପ୍ରକାରର ସେବା 2G/3G/4G/SG ଉପଲବ୍ଧ ତତ୍ ସମ୍ବନ୍ଧୀୟ ସବିଶେଷ ଜିଲ୍ଲା ୱାରୀ ତଥ୍ୟ ପ୍ରଦାନ କରିବେ କି; ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଧୀନରେ ବହୁ ଦିନରୁ ନିର୍ମାଣାଧୀନ ଥିବା BSNL ଓ ଅନ୍ୟ ମୋବାଇଲ ଟାୱାର ଗୁଡିକୁ କାର୍ଯକ୍ଷମ କରିବା ପାଇଁ ପୂର୍ବରୁ ବାରମ୍ବାର ସମୟସୀମା ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ରୂପାୟନ ନହେବାର କାରଣ କଣ ଓ କେବେ ସୁଦ୍ଧା ନିର୍ମାଣାଧୀନ ଥିବା ସମସ୍ତ BSNL ଓ ଅନ୍ୟ ମୋବାଇଲ ଟାୱାର ଗୁଡିକୁ କାର୍ଯକ୍ଷମ କରାଯିବ ?

----

## କାର୍ଯ୍ୟାନୁଷ୍ଠାନ ଗ୍ରହଣ

***206 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଗ୍ରାମାଞ୍ଚଳରେ ଅନେକ ଅଣସ୍ୱୀକୃତି ପ୍ରାପ୍ତ ସଂସ୍ଥା ଗ୍ରୁପ ଅର୍ଥ ପ୍ରଦାନ କରି ପର ମୂହର୍ତ୍ତରେ ବଳପୂର୍ବକ ଆଦାୟ କରୁଛନ୍ତି ଏହା ସରକାରଙ୍କ ନଜରରେ ଆସିଛି କି ଓ OPID Act, 2011ର Sec5 (1)(3) ଆଧାରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ରିପୋର୍ଟ ପ୍ରଦାନ କରାଯାଇଅଛି କି ?

----

## ସିଲିଣ୍ଡର ଯୋଗାଣ

***207 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୁରଭଞ୍ଜ ଜିଲ୍ଲାରେ ଗତ ଆର୍ଥିକ ବର୍ଷ (୨୦୧୯—୨୦ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ) ମଧ୍ୟରେ PRM MCH / DHH / SDH / CHC ଏବଂ PHC ଗୁଡ଼ିକରେ Digital X-Ray, New Labor Room tables, BP Instruments, Nebulizers, ଏବଂ Cold Chain Equipment (ଟୀକା ସଂରକ୍ଷଣ ପାଇଁ) କେତେ ପରିମାଣରେ ଯୋଗାଇ ଦିଆଯାଇଛି ଓ ଏହି ବାବଦରେ କେତେ ଅର୍ଥ ସରକାରଙ୍କ ପାଣ୍ଠିରୁ ପ୍ରଦାନ କରାଯାଇଛି, କରୋନା ସମୟରେ କେତେ ଅମ୍ଳଜାନ କନସେଣ୍ଟ୍ରେଟର ଏବଂ କେତେ ସିଲିଣ୍ଡର କିଣାଯାଇଛି ଏବଂ ସେଥିପାଇଁ କେତେ ଅର୍ଥ ବ୍ୟୟ ହୋଇଛି, ତାର ତାଲିକା ପ୍ରଦାନ କରିବା ସହ ବିଲ୍ଲ କେଉଁ ସଂସ୍ଥାକୁ ପ୍ରଦାନ କରାଯାଇଛି, କିଣା ଯାଇଥିବା Digital X-Ray, New Labor Room tables, BP Instruments, Nebulizers, ଏବଂ Cold Chain Equipment (ଟୀକା ସଂରକ୍ଷଣ ପାଇଁ) କେତୋଟି କେଉଁ ସ୍ଥାନରେ କାର୍ଯ୍ୟ କରୁଛି ?

----

## ଜେଲ ସମ୍ପର୍କରେ

***208 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଜେଲ ସଂଖ୍ୟା କେତେ ଓ କଏଦୀ ସଂଖ୍ୟା କେତେ, ଯେତିକି ଜେଲ ଅଛି ସେଠାରେ କେତେ ମାତ୍ରାରେ କଏଦୀଙ୍କ ପାଇଁ ବ୍ୟବସ୍ଥା ଅଛି, ଯେତିକି କଏଦୀ ଅଛନ୍ତି ସେଥିରୁ ବିଚାର ପ୍ରକ୍ରିୟାରେ ଦଣ୍ଡ ପାଇଥିବା ସହ ସଜ୍ଜା ଭୋଗୁଛନ୍ତି ଓ କେତେ କଏଦୀ ବିଚାରାଧୀନ କଏଦୀ ଭାବେ ଅଛନ୍ତି ?

----

## ମୋବାଇଲ ସେବା ପ୍ରଦାନ

***209 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ ଆଜି ସୁଦ୍ଧା କେତୋଟି ଗ୍ରାମରେ ମୋବାଇଲ ସେବା ଅପହଞ୍ଚ ରହିଛି ଏବଂ ଓଡ଼ିଶାର ସବୁ ଅଞ୍ଚଳକୁ ମୋବାଇଲ ସେବା ପହଞ୍ଚାଇବାକୁ ନୂତନ କେତୋଟି ଟାୱାର ଜିଲ୍ଲାୱାରୀ ବସାଇବାକୁ ଯୋଜନା କରିଛନ୍ତି ଜଣାଇବା ସହ କୋରାପୁଟ ଜିଲ୍ଲାରେ ଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ କମ୍ପାନୀର କେତୋଟି ଟାୱାର କେଉଁ କେଉଁ ସ୍ଥାନରେ ସ୍ଥାପନ କରାଯାଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବା ସହିତ ଭବିଷ୍ୟତରେ ଆଉ କେତେ ଓ କେଉଁ କେଉଁ ଅଞ୍ଚଳ ରେ ସ୍ଥାପନ କରିବା ପାଇଁ ସରକାର ଯୋଜନା କରିଛନ୍ତି ଉତ୍ତର ଦେବେ କି ?

----

## Fund utilization in Kalahandi, Nuapada and Balangir

***210 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- The Assembly passed a Rs.17,440 crore in the 1st Supplementary Budget, 2025-26 with the provision on 08 Dec 2025, yet routine allocations remain under -spent ; Will the Govt. Provide exat district-wise data on how much of the supplementary funds have been released and spent in Kalahandi, Nuapada and Bolangir Districts as of February 2026 ?

----